# ବ୍ୟାସନଗର ପୌର ପାଳିକା କାର୍ଯ୍ୟାଳୟ, ବ୍ୟାସନଗର

ବିଜ୍ଞାପନ ସଂଖ୍ୟା.୭୩ /ତାରିଖ.୧୩.୦୧.୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆସନ୍ତା ତା.୫.୦୨.୨୦୨୦ରିଖ ଠାରୁ ତା.୧୫.୦୨.୨୦୨୦ ରିଖ ପର୍ଯ୍ୟନ୍ତ ୧୧ ଦିନ ପାଇଁ ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ମେଳାରେ ଦୁଇ ଗୋଟି ଷ୍ଟାଣ୍ଡ (ସାଇକେଲ, ମଟର ସାଇକେଲ୍, ଚାରିଚକିଆ ଯାନ) ପାଇଁ ତା.୨୦.୦୧.୨୦୨୦ରିଖ ଅପରାହ୍ନ ୦୫ ଘଟିକା ସମୟରେ ଦରଧାର୍ଯ୍ୟ ପାଇଁ ଯୋଉମୁଦ ଥିବା କୋଟେସନ୍ ଟେଣ୍ଡର ବାକ୍ସରେ ଗ୍ରହଣ କରାଯିବ ଏବଂ ତା.୨୧.୦୧.୨୦୨୦ରିଖ ଦିନ ୧ ଘଟିକା ସମୟରେ ଟେଣ୍ଡର ପକାଇଥିବା ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ଖୋଲାଯିବ। ଏଥିପାଇଁ ସର୍ବନିମ୍ନ ସରକାର ଧାର୍ଯ୍ୟମୂଲ୍ୟ ଟ.୬,୦୦,୦୦୦/- (ଛଅ ଲକ୍ଷ ଟଙ୍କା) ରଖାଯାଇଛି। ଯେଉଁ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମ ପାଇଁ ଟେଣ୍ଡର ପକାଇବେ ତା.୧୪.୦୧.୨୦୨୦ରିଖ ଠାରୁ ତା.୨୦.୦୧.୨୦୨୦ରିଖ ମଧ୍ୟରେ କାର୍ଯ୍ୟାଳୟର କାର୍ଯ୍ୟଦିବସରେ କୋଟେସନ୍ ପେପର ନେଇ ପାରିବେ। ସାଇକେଲ୍ ଷ୍ଟାଣ୍ଡ ପାଇଁ ଟ.୨୫,୦୦୦/- (ପଚିଶି ହଜାର ଟଙ୍କା) ଅମାନତ ରଖାଯାଇଛି। କୋଟେସନ୍ ସହିତ ଅମାନତ ରସିଦ ଦାଖଲ କରିବେ, ଅନ୍ୟଥା ସଂପୃକ୍ତ କୋଟେସନକୁ ଅଗ୍ରାହ୍ୟ କରି ଦିଆଯିବ। ଏଥିସହିତ ନିମ୍ନ ଲିଖିତ ନିୟମାବଳୀ ପାଳନ କରିବେ।

୧. ଯେଉଁ ବ୍ୟକ୍ତି ବିଶେଷ କୋଟେସନ୍ କରିବେ ସେମାନଙ୍କ ଉପରେ ପୌର ପରିଷଦର କୌଣସି ବକେୟା ଦେୟ ନଥିବ।

୨. ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ କୋଟେସନଟି ଧାର୍ଯ୍ୟ ହେବ ସେ ନିଜ ଖର୍ଚ୍ଚରେ ସାଇକେଲ୍, ମୋଟର ସାଇକେଲ୍, ଚାରିଚକିଆ ଯାନ, ଷ୍ଟାଣ୍ଡ ନିର୍ମାଣ ଏବଂ ଆବଶ୍ୟକୀୟ ରସିଦ୍ ଇତ୍ୟାଦି କରାଇବେ। ପରିଷଦର ନିଷ୍ପତି ଅନୁଯାୟୀ ସାଇକେଲ୍ ପ୍ରତି ଟ.୫/-, ଟେମ୍ପୁ ଓ ଦୁଇଚକିଆ ମଟରଗାଡ଼ି ପ୍ରତି ଟ.୨୦/- ଓ ଅନ୍ୟାନ୍ୟ ୪ ଚକିଆ ଯାନ ପ୍ରତି ଟ.୪୦/- ଲେଖାଁଏ ଆଦାୟ କରିବେ।

୩. ମେଳା ଦାୟିତ୍ୱରେ ଥିବା ପୌର କର୍ମଚାରୀ/ଦାୟିତ୍ୱରେ ଥିବା ଅଫିସର, ସାମ୍ବାଦିକ, ଏବଂ ଷ୍ଟଲ୍ ବ୍ୟକ୍ତି ବିଶେଷ ମାନଙ୍କ ଠାରୁ କୌଣସି ଷ୍ଟାଣ୍ଡ ଫି ଆଦାୟ କରି ପାରିବେ ନାହିଁ।

୪. ଉପରୋକ୍ତ ଫିସର ହାର ନିଲାମଧାରୀ ନିଜ ଖର୍ଚ୍ଚରେ ଷ୍ଟାଣ୍ଡ ନିକଟରେ ଏକ ବୋର୍ଡ଼ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଇବେ।

୫. ତା.୫.୦୨.୨୦୨୦ ରିଖ ଦିନ ଏକାଦଶୀ ତିଥି ଓ ବ୍ୟାସ ସରୋବର ମହୋତ୍ସବ ଉଦଘାଟନୀ ଉତ୍ସବ୍ ଥିବାରୁ କୌଣସି ବ୍ୟକ୍ତି ବିଶେଷଙ୍କ ଠାରୁ ସାଇକେଲ୍, ମଟରସାଇକେଲ୍, ଚାରିଚକିଆ ଯାନ ଠାରୁ ଫି ଆଦାୟ କରାଯିବ ନାହିଁ।

୬. ଯେଉଁ ବ୍ୟକ୍ତି ବିଶେଷ ଙ୍କ କୋଟେସନ ସର୍ବାଧିକ ହେବ ସେ ସଙ୍ଗେ ସଙ୍ଗେ ସଂପୂର୍ଣ୍ଣ ଧାର୍ଯ୍ୟ ଦେୟ ପୈଠ କରି ରସିଦ୍ ଗ୍ରହଣ କରିବେ। ନଚେତ୍ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଦ୍ୱିତୀୟ ସର୍ବାଧିକ କୋଟେସନ୍ ମୂଲ୍ୟ ଡ଼ାକିଥିବା ବ୍ୟକ୍ତିଙ୍କୁ ସୁଯୋଗ ଦିଆଯିବା ସହିତ ସର୍ବାଧିକ ମୂଲ୍ୟ ଡ଼ାକିଥିବା ବ୍ୟକ୍ତିଙ୍କ ମୂଲ୍ୟକୁ ଡ଼ିପୋଜିଟ୍ କରିବାକୁ ପଡ଼ିବ।

୭. ବ୍ୟାସ ସରୋବର ମହୋତ୍ସବ ସମୟରେ ଷ୍ଟାଣ୍ଡରେ ରଖାଯାଇଥିବା କୌଣସି ଯାନ ଚୋରୀ କିମ୍ବା କ୍ଷତି ହେଲେ ନିଲାମଧାରୀ ସେଥିପାଇଁ ଦାୟୀ ରହିବେ ଓ ଉକ୍ତ ସମ୍ବନ୍ଧୀୟ ଅର୍ଥ ଭରଣା କରିବେ।

୮. ଉପରୋକ୍ତ ସର୍ତ୍ତ ଖିଲାପ ହେଲେ ନିଲାମଧାରୀଙ୍କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ଅସିଦ୍ଧ ଘୋଷଣା କରିବା ସଙ୍ଗେ ସଙ୍ଗେ ସମସ୍ତ ଅର୍ଥକୁ ବାଜ୍ୟାପ୍ତି କରାଯିବ ଏବଂ ଆସନ୍ତା ୩ ବର୍ଷ ପାଇଁ ପୌର ପାଳିକାର କୌଣସି ନିଲାମରେ ସାମିଲ କରାଯିବ ନାହିଁ।

୯. ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି କୋଟେସନ୍ ଗ୍ରହଣ କରାଯିବ ନାହିଁ।

୧୦. କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି କିମ୍ବା ସମସ୍ତ କୋଟେସନକୁ ରଦ୍ଦ କରିପାରିବେ।

୧୩.୦୧.୨୦୨୦
ନିର୍ବାହୀ ଅଧିକାରୀ,
ବ୍ୟାସନଗର ପୌର ପାଳିକା

ନଂ .୨୮(୬)/ ତା.୧୩.୦୧.୨୦୨୦ରିଖ

ଏହାର ଏକକିତା ନକଲ ଅଫିସ୍ ନୋଟିସ ବୋର୍ଡ଼/ଜିଲ୍ଲାପାଳ, ଯାଜପୁର/ତହସିଲ୍ କାର୍ଯ୍ୟାଳୟ, ବ୍ୟାସନଗର/ଚକବନ୍ଦୀ କାର୍ଯ୍ୟାଳୟ, ଯାଜପୁର ରୋଡ଼/ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର/ଜିଲ୍ଲା ଶିକ୍ଷାପରିଦର୍ଶକ, ଢ଼ୋଲିପୁର, ଯାଜପୁର ରୋଡ଼ଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ ଲଗାଇବାପାଇଁ ପ୍ରେରଣ କରାଗଲା ।

13.01.2020

ନିର୍ବାହୀ ଅଧିକାରୀ,

ବ୍ୟାସନଗର ପୌର ପାଳିକା

ଜ୍ଞାପକ ସଂଖ୍ୟା. ୨୯ / ତା.୧୩.୦୧.୨୦୨୦ରିଖ

ଏହାର ଏକକିତା ନକଲ ଡ଼ିଆଇଏ, ଏନ୍ଆଇସି, ଯାଜପୁରଙ୍କୁ ପ୍ରେରଣ କରାଗଲା ଏବଂ ଜିଲ୍ଲା ୱେବସାଇଟ www.jajpur.nic.in ର ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

13.01.2020

ନିର୍ବାହୀ ଅଧିକାରୀ

ବ୍ୟାସନଗର ପୌର ପାଳିକା

ଜ୍ଞାପକ ସଂଖ୍ୟା.୩୦ (୨) / ତା.୧୩.୦୧.୨୦୨୦ରିଖ

ଏହାର ଏକକିତା ନକଲ ସଂପାଦକ, **'ଧରିତ୍ରୀ'** ଓ **'ପ୍ରତିଦିନ'** ଖବରକାଗଜକୁ ୨୦ବର୍ଗସେ.ମି ମଧ୍ୟରେ ଏକ ଥର ତା.୧୪.୦୧.୨୦୨୦ ସୁଦ୍ଧା ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

13.01.2020

ନିର୍ବାହୀ ଅଧିକାରୀ

ବ୍ୟାସନଗର ପୌର ପାଳିକା